# ଭିନ୍ନକ୍ଷମଙ୍କ ବିକାଶ ନେଇ ସବୁସ୍ତରରେ ଉଦ୍ୟମ ଆବଶ୍ୟକ

## ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ

ଅନୁଗୋଳ,୩।୧୨(ଅମିତ କୁମାର ସାମଲ)

ଅନୁଗୋଳ ସ୍ଥାନୀୟ ସଭାଘରଠାରେ ବିଶ୍ୱ ଭିନ୍ନକ୍ଷମ ଦିବସ ଉପଲକ୍ଷେ ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ, ମୁଖ୍ୟବକ୍ତା ଜିଲା ଚିକିତ୍ସାଳୟର ବରିଷ୍ଠ ଶିଶୁ ବିଶେଷଜ୍ଞ ଡାକ୍ତର ନନ୍ଦ କିଶୋର ସାହୁ, ସମ୍ମାନିତ ଅତିଥି ଅନୁଗୋଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରିଶଙ୍କର ବେହେରା, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ପ୍ରତିଭା ବାରିକ, ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ପ୍ରତିଭା ବାରିକ ଅନ୍ତର୍ନିବେଶୀ ଶିକ୍ଷା ଓ ଜିଲା ସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ନନ୍ଦକିଶୋର ସାହୁ କହିଲେ, ପ୍ରତିଟି ଭିନ୍ନକ୍ଷମ ଛାତ୍ରୀଛାତ୍ର ଆମ ସମାଜର ଏକ ଅଭିନ୍ନ ଅଙ୍ଗ। ତେଣୁ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ସବୁସ୍ତରରେ ଉଦ୍ୟମ କରିବା ଆବଶ୍ୟକ। ସମ୍ମାନିତ ଅତିଥି ବେହେରା ଶିଶୁମାନଙ୍କ ଅଧିକାରର ସୁରକ୍ଷା କେବଳ ସରକାରଙ୍କ କର୍ତ୍ତବ୍ୟ ନୁହେଁ ବରଂ ତାକୁ ସୁନିଶ୍ଚିତ କରିବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟ କହିଥିଲେ, ପ୍ରତିବନ୍ଧକ ମନର ଦୁର୍ବଳତା- ଅକ୍ଷମତା ନୁହେଁ, ସୁଯୋଗ ମିଳିଲେ ସେମାନେ ଶ୍ରେଷ୍ଠରୁ ଶ୍ରେଷ୍ଠତର ଭାବେ ନିଜକୁ ପ୍ରତିପାଦନ କରିପାରିବେ। କାର୍ଯ୍ୟକ୍ରମର ସଭାପତି ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୯୩ ଜଣ କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ମନୋରଞ୍ଜନ ସାହୁ, ଶିକ୍ଷୟିତ୍ରୀ ଗିରିଜା କୁମାରୀ ମହାପାତ୍ର ସହଯୋଗ କରିଥିଲେ। ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାସ୍ତରୀୟ ଭିନ୍ନକ୍ଷମ ପ୍ରତିଭା ସମ୍ମାନ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସଙ୍ଗଠନ ମଜଭୁତ କରିବାକୁ ପରାମର୍ଶ

ବଇଣ୍ଡା,୩।୧୨(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତଠାରେ ଶନିବାର ଭାଜପାର ବିଧାନସଭାସ୍ତରୀୟ ଯୁବମୋର୍ଚ୍ଚା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଗଗନ ବାରିକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ଜିଲା ପ୍ରଭାରୀ ଅମୃତ ସ୍ୱାଇଁ, ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ପ୍ରଭାରୀ ରଞ୍ଜିତ ପଣ୍ଡା, ମଣ୍ଡଳ ସଭାପତି ଅଜିତ ପ୍ରଧାନ, ଯୁବ ସଂଯୋଜକ ସରୋଜ ସାହୁ, ବୁଲୁ ଜେନାମଣି, ଚୈତନ୍ୟ ସାହୁ, ଅବନୀ ପ୍ରଧାନ, ଚିନ୍ମୟ ପ୍ରଧାନ ଯୋଗ ଦେଇଥିଲେ। ପ୍ରତ୍ୟେକ ଗ୍ରାମରେ ଥିବା ଯୁବକମାନଙ୍କୁ ଏକତ୍ରିତ କରି ସଙ୍ଗଠନ ମଜଭୁତ୍ କରିବାକୁ ଅତିଥିମାନେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ପ୍ରତ୍ୟେକ ବୁଥକୁ ବୁଲିବା ସହ ନୂତନ ଭୋଟରଙ୍କୁ ପରିଚୟପତ୍ର ଦିଅ ବୋଲି ପ୍ରଶିକ୍ଷଣ ଦିଆଯାଇଥିଲା।



# ବିପୁଳ ଚାରା ରୋପଣ କରିବାକୁ ପରାମର୍ଶ

ଅନୁଗୋଳ,୩।୧୨ (ଅମିତ କୁମାର ସାମଲ)

ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣ ଅତି ସାଂଘାତିକ ହେଉଥିବା ଯୋଗୁ ତୃଣମୂଳସ୍ତରରୁ ଛାତ୍ରୀଛାତ୍ର ଓ ଯୁବ ସମାଜ ସଚେତନ ହୋଇ ବହୁ ମାତ୍ରାରେ ଚାରା ରୋପଣ କରିବା ସହିତ ଜୈବିକ କୃଷି ଦ୍ୱାରା ସବୁଜ ବଳୟ ସୃଷ୍ଟି କରିପାରିଲେ ପ୍ରଦୂଷଣ କବଳରୁ ନିଶ୍ଚିତ ମୁକ୍ତି ମିଳିବ। ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସାମାଜିକ ଅନୁଷ୍ଠାନ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ଅନୁଗୋଳ ଦ୍ୱାରା ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମତପ୍ରକାଶ କରିଛନ୍ତି। ପ୍ରଧାନ ଶିକ୍ଷକ ପ୍ରିୟ ରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଜିଲା ଶିକ୍ଷା କାର୍ଯ୍ୟାଳୟର ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ, ଅନୁଷ୍ଠାନ ସମ୍ପାଦକ ପ୍ରସନ୍ନ କୁମାର ବେହେରା ଅତିଥିଭାବେ ଯୋଗଦେଇଥିଲେ। ପ୍ରଦୂଷଣ ନିରାକରଣରେ ଛାତ୍ରୀଛାତ୍ରୀଙ୍କ ଭୂମିକା ଶୀର୍ଷକ ପ୍ରବନ୍ଧ ଓ ଅନୁଷ୍ଠାନ ସଂଯୋଜକ ସୁବ୍ରତ କୁମାର ପ୍ରଧାନଙ୍କ ଦ୍ୱାରା ଆଲୋଚିତ ପରିବେଶ ସମ୍ବନ୍ଧୀୟ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ହିରଣ୍ୟପ୍ରଭା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅନୁଷ୍ଠାନର ସୁବ୍ରତ କୁମାର ପ୍ରଧାନ, ଯଶୋବନ୍ତ ସାହୁ, ପଙ୍କଜିନୀ ବେହେରା ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ସହଯୋଗ କରିଥିଲେ।




# ଅନନ୍ତ ଡିଏଭିରେ କ୍ୟାରିୟର କାଉନସେଲିଂ



ତାଳଚେର,୩।୧୨ (ମନୋଜ ନନ୍ଦ)

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପକ୍ଷରୁ ଗ୍ରୀନଭ୍ୟାଲି ଅଡିଟୋରିୟମ ଠାରେ ଲିଟରେଚର କନକ୍ଲେଭ ଏବଂ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମସିଏଲ ଜଗନ୍ନାଥ କ୍ଷେତ୍ର ମୁଖ୍ୟ ଫାଇନାନ୍ସ ମ୍ୟାନେଜର ଏ.କେ. ରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ପ୍ରଦୀପ୍ତ କୁମାର ବାରିକ, ଜନାଦୃତ ଗଳ୍ପ କଥୟିକା ଝର୍ଣ୍ଣା ଦାସ, ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ସୁନୀତା ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଡିଏଭି ପବ୍ଲିକ ସ୍କୁଲ ଲିଙ୍ଗରାଜ କ୍ଷେତ୍ରର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପୃଷ୍ଟି ଏବଂ ଡିଏଭି ଗର୍ଲସ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପୂଜାରୀ ଯୋଗ ଦେଇଥିଲେ। ଅଧକ୍ଷା ଜ୍ୟୋତି ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗଳ୍ପ କଥୟିକା ଝର୍ଣ୍ଣା ଦାସଙ୍କ ଗଳ୍ପ ଉପସ୍ଥାପନା, ସାହିତ୍ୟକୁ ନେଇ ଛାତ୍ରୀଛାତ୍ର କିଭଳି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ସେ ସମ୍ପର୍କରେ ଆଲୋଚନାଚକ୍ର, ସ୍ୱରଚିତ କବିତା ଆବୃତ୍ତି, ଆଇଜିଆଇଟି ସରାଙ୍ଗର ସହକାରୀ ପ୍ରଫେସର ରମେଶ କୁମାର ସାହୁଙ୍କ ଦ୍ୱାରା କମ୍ପ୍ୟୁଟର ମାଧ୍ୟମରେ ସାହିତ୍ୟକୁ ନେଇ କିଭଳି କ୍ୟାରିୟର ଗଢାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଧ୍ୟାପକ ଡକ୍ଟର ଅନ୍ତର୍ଯ୍ୟାମୀ ସାହୁ ଉନ୍ମୋଚିତ ପୁସ୍ତକକୁ ସମୀକ୍ଷା କରିବା ସହିତ ପ୍ରକାଶିକା ଜ୍ୟୋତି ମିଶ୍ରଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ପରିଚାଳନା କରିଥିଲେ। ବିଦ୍ୟାଳୟ ସାହିତ୍ୟ ସଂସଦ ସମ୍ପାଦିକା ଶ୍ରୀୟା ଶାଳିନୀ କବିତା ପାଠୋତ୍ସବ ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ କ୍ରିଷ୍ଟା ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ମାନସ ରଞ୍ଜନ ମିଶ୍ର, ସମ୍ପଦ ଜେନା, ସୁଧାଂଶୁ ସ୍ୱାଇଁ, ସବ୍ୟସାଚୀ ପ୍ରଧାନ, ମହେନ୍ଦ୍ର ବେହେରା, ରୀତାରାଣୀ ତ୍ରିପାଠୀ, ଜ୍ୟୋତି ଜିନ୍ଦଲ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମନସ୍ୱିନୀ ନନ୍ଦ, ରଞ୍ଜନ ସାମଲ, ନିରଞ୍ଜନ ସାହୁ, ରବି ନାରାୟଣ ପଣ୍ଡା, ସୀମାଞ୍ଚଳ ପତି ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପରଲୋକ

ବଇଣ୍ଡା,୩।୧୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମର ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଭାସ୍କର ବେହେରା (୯୦)ଙ୍କ ରବିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକକୁ ନେଇ ହଣ୍ଡପା ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଆନୁକୂଲ୍ୟ ବେହେରା, ବୋହୂ, ନାତି, ନାତୁଣୀ ଉପସ୍ଥିତ ଥିଲେ।



# ହିଙ୍ଗୁଳା ପୀଠରେ ମହାଚଣ୍ଡୀ ଯଜ୍ଞ ଉଦ୍‌ଯାପିତ

ତାଳଚେର,୩।୧୨ (ମନୋଜ ନନ୍ଦ)

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଚାଲିଥିବା ମହାଚଣ୍ଡୀ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରାଜଗୁରୁ ପଙ୍କଜ ଲୋଚନ ପତିଙ୍କ ପୌରୋହିତ୍ୟରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ, ବାବା ମୈତ୍ରେୟ ବ୍ରହ୍ମଚାରୀ, ଗୋପାଳ ଚନ୍ଦ୍ର ଷଡ଼ଙ୍ଗୀ, ସୁବାସ ଚନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର, ଉତ୍ପଳ ତ୍ରିପାଠୀ, ରାନୁରାଜ ପାଣି, ମିଲନ ଦାସ, ସୁରେଶ ଧର, ହୃଦୟ ଚନ୍ଦ୍ର ଶତପଥୀ, ସନ୍ତୋଷ ତ୍ରିପାଠୀ, ରାମଚନ୍ଦ୍ର ଦାସ, ମାର୍କଣ୍ଡ ଦାଶ, ପ୍ରସନ୍ନ ଦାସ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। କର୍ତ୍ତା ଭାବରେ ଏମ୍‌ସିଏଲ୍ ହିଙ୍ଗୁଳା କୋଇଲା ଖଣି ପ୍ରକଳ୍ପ ଅଧିକାରୀ ଏସ୍.ଭି. ଯୋଶୀ, ଅସ୍ମିତା ଯୋଶୀ, ହିଙ୍ଗୁଳା ଖଣି ପ୍ରବନ୍ଧକ ଶଶୀପ୍ରସାଦ, ପିଙ୍କି ପ୍ରସାଦ, ସାମାଜିକ କର୍ମୀ ସଞ୍ଜୟ କୁମାର ସାହୁ, ଅଞ୍ଜଳି ସାହୁ, ଅଧ୍ୟାପକ ଲଲାଟେନ୍ଦୁ ଗଡନାୟକ, ଶର୍ମିଷ୍ଠା ଦାସ, ଲିପୁନା ଭୁକ୍ତା, ସୁପ୍ରଭା ଭୁକ୍ତା, ଲକ୍ଷ୍ମୀକାନ୍ତ ସାମଲ ଓ ସୁକନ୍ୟା ଖଣ୍ଡୁଆଳ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ସହିତ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଟ୍ରଷ୍ଟବୋର୍ଡ ବରିଷ୍ଠ ସଦସ୍ୟ ଜଗନ୍‌ମୋହନ ଗଡନାୟକ, ସୌଭାଗ୍ୟ ଚନ୍ଦ୍ର ସାହୁ, ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ସନ୍ତୋଷ କୁମାର ପ୍ରଧାନ, ଅରୁଣ କୁମାର ପ୍ରଧାନ, ଗଗନ ବିହାରୀ ସାହୁ, ସଞ୍ଜୟ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।


ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଚାଲିଥିବା ମହାଚଣ୍ଡୀ ଯଜ୍ଞ।

# ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ବଅଁରପାଳ,୩।୧୨(ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ବଳରାମପ୍ରସାଦ ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ବାର୍ଷିକ ଶ୍ରୀରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଗତ ଅକ୍ଟୋବର ୨୭ ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ପାରାୟଣ ଗତ ୨୭ ତାରିଖ କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଅହୋରାତ୍ର ନାମ ସଂକୀର୍ତ୍ତନ କରାଯିବା ସହ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଦୂରଦୂରାନ୍ତ ଲୋକମାନେ ଯୋଗ ଦେଇଥିଲେ। ପୂର୍ଣ୍ଣାହୁତି ପରେ ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଦିବ୍ୟ ଜୀବନ ସଂଘ ସଦସ୍ୟ ଉମ୍ବରୁଧର ବେହେରା ବ୍ୟାସ ଦାୟିତ୍ୱ ନେଇଥିଲେ। ନିତ୍ୟାନନ୍ଦ ବାରିକ କର୍ତ୍ତା ଓ ଦିଲୀପ ସେଠୀ ପରିଚାଳନା କରିଥିଲେ। ଭରତ ବେହେରା, ବିଚିତ୍ର ସାହୁ, ଗଗନ ବିହାରୀ ଅମାନ୍ତ, ସତ୍ୟାନନ୍ଦ ସାହୁ, ସାଧୁ ଅବଧୂତ ଜୟନ୍ଦ୍ରଗିରି, ଗୋକିଳି ବାବାଙ୍କ ସହ ଗ୍ରାମବାସୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଷ୍ଟଶମ୍ଭୁ ଶୈବପୀଠକୁ ଅଣଦେଖା ଅଭିଯୋଗ



ଛେଣ୍ଡିପଦା,୩।୧୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଝିଣ୍ଟିପାଳ ଗ୍ରାମରେ ଥିବା ସର୍ବପୁରାତନ ଅଷ୍ଟଶମ୍ଭୁ ଶୈବପୀଠକୁ ପ୍ରଶାସନ ପକ୍ଷରୁ ଅଣାଦେଖା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଏହି ଶୈବ ପୀଠ ଦେବୋତ୍ତର ବିଭାଗ ଅଧୀନରେ ରହିଛି। ଏହାର ବିକାଶ ପାଇଁ ଦେବୋତ୍ତର ବିଭାଗକୁ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଗ୍ରାମବାସୀଙ୍କ ଉଦ୍ୟମରେ ମନ୍ଦିର ପରିଚାଳନା କାର୍ଯ୍ୟ କରାଯାଉଛି। ଝିଣ୍ଟିପାଳ ଗ୍ରାମ ସଭାପତି ଲୋଚନ ବେହେରା, ସମ୍ପାଦକ ପଦ୍ମନାଭ ଜେନା ଓ ଅଷ୍ଟଶମ୍ଭୁ ମନ୍ଦିର କମିଟି ସଭାପତି ଶିବ ସାହୁ, ସମ୍ପାଦକ ଦୁଃଶାସନ ଜେନାଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା ହୋଇଥାଏ। ବିଭିନ୍ନ ପର୍ବପର୍ବାଣିରେ ମନ୍ଦିର ଭିଡ଼କୁ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ନିଶା ଶିଳ୍ପାଞ୍ଚଳ ଥାନା ଓ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଥାଏ। ମନ୍ଦିରରେ ଭକ୍ତମାନଙ୍କ ବସିବା ପାଇଁ ମଣ୍ଡପ, ଭୋଗ ମଣ୍ଡପ ଓ ରୋଷ ଘର ଆଦି ନ ଥିବାରୁ ବହୁ ସମସ୍ୟା ଭିତରେ ପରିଚାଳିତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଉନ୍ନୟନମୂଳକ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଅ

ଛେଣ୍ଡିପଦା,୩।୧୨(ଅଜିତ ଧଳ)

ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ କାଠପାଳଠାରେ ବୁଧବାର ଶିମିଳିପାଳ ପଞ୍ଚାୟତ ବିଜୁ ଜନତା ଦଳର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିମିଳିପାଳ ପଞ୍ଚାୟତ ବିଜେଡି ସଭାପତି ପ୍ରଦୀପ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତର ବିକାଶ, ଦଳର ସଙ୍ଗଠନକୁ ମଜବୁତ କରିବା ସହିତ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା। ବିଜେଡି ପର୍ଯ୍ୟବେକ୍ଷକ ସନ୍ତୋଷ ଦେହୁରୀ ଯୋଗଦେଇ ସଙ୍ଗଠନକୁ ମଜବୁତ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ବିଜେଡି ଯୁବ ନିର୍ବାଚନ ମଣ୍ଡଳୀ ସଭାପତି ସତ୍ୟବ୍ରତ ଦେହୁରୀ, ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ବିଜେଡି କର୍ମୀ ପଙ୍କଜ ଲୋଚନ ସାହୁ, ଜୟନ୍ତ ସାହୁ, ଶାନ୍ତନୁ ସାହୁ, କପିଳେଶ୍ୱର ସାହୁ, ସର୍ବେଶ୍ୱର ମାଝି, ଜୟଦେବ ସାହୁ, ବବୁଲ ବିଶ୍ୱାଳ, ଉମାକାନ୍ତ ବିଶ୍ୱାଳ, ଲୋଶନ ସାହୁ, ବିପିନି ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।


ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକରେ ଉପସ୍ଥିତ କର୍ମୀମାନେ।

# ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା



ତାଳଚେର,୩।୧୨ (ମନୋଜ ନନ୍ଦ)

ତାଳଚେର ବ୍ଲକ ଲକେଇପଶି ଗ୍ରାମସ୍ଥିତ ଭାଗବତ ପ୍ରଚାର ସମିତି ଆନୁକୂଲ୍ୟରେ ଅଷ୍ଟମ ଜିଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭାଗବତ ପ୍ରଚାର ସମିତି ସଭାପତି ସୁଶୀଲ କୁମାର ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଗବେଷକ ବିଭୂତି ଭୂଷଣ ସାହୁ, ସମ୍ମାନିତ ଅତିଥି ଭାବେ ଆମ ପୁରାଣ ଆମ ସଂସ୍କୃତି ଅନୁଷ୍ଠାନର ସଙ୍ଗଠନ ସମ୍ପାଦକ ବାମଦେବ ସେଠ, ସରପଞ୍ଚ ନନ୍ଦ କିଶୋର ବେହେରା, ଭରତପୁର ସୁରକ୍ଷା ଅଧିକାରୀ ବିକାଶ ସାହୁ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବରେ ଅରୁଣ କୁମାର ଗଡ଼ନାୟକ, ରାହାସ ଚନ୍ଦ୍ର ବିଶ୍ୱାଳ ଓ ତ୍ରେତାନନ୍ଦ ସାମନ୍ତ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମକୁ ହେମନ୍ତ ଦାସ ଓ ରବୀନ୍ଦ୍ର କୁମାର ମଲ୍ଲିକ ପରିଚାଳନା କରିଥିଲେ। ଦିଲୀପ ଦାସ, ସଂଯୁକ୍ତା ସାହୁ, ଗୀତାମୟୀ ମହାପାତ୍ର ପ୍ରମୁଖ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ। ଲକେଇପଶି ପ୍ରଥମ, ଡେରା ଦ୍ୱିତୀୟ ଓ ସାନଯୋରଡ଼ା ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରସ୍କାର ବିତରଣ ସମାରୋହରେ ମୁଖ୍ୟ ଅତିଥି ଭାବରେ ଭରତପୁର କ୍ଷେତ୍ର ମହାପ୍ରବନ୍ଧକ ଦିବ୍ୟଜୀବନ ସିଂ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ। ମହୋଦୟ ଦାସ, ସତ୍ୟାନନ୍ଦ ଦାସ, ମାନସ ରଞ୍ଜନ ପ୍ରଧାନ, ଅଶୋକ ସ୍ୱାଇଁ, ପଦ୍ମନାଭ ଦାସ, ଅନୀଲ ଦାସ, ଉଚ୍ଛବ ଦାସ, ଭୋଳାନାଥ ଦାସ, ରମେଶ ଚନ୍ଦ୍ର ଦାସ ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ମନୋବଳ ବଢ଼ାଏ

କଣିହାଁ,୩।୧୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଟୋଲକବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ଗ୍ରାମ ସଭାପତି ଦୁଃଶାସନ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚନ୍ଦ୍ରମଣି ସାହୁ, ସାମାଜିକ କର୍ମୀ ସୁଶୀଲ ନାଏକ, ୱାର୍ଡ ମେମ୍ବର ଅରୁଣ ନାଏକ, ଆଶାକର୍ମୀ ଜୟନ୍ତୀ ସାହୁ, କମିଟି ସଦସ୍ୟ ଶିବରାମ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବ ଛାତ୍ରୀଛାତ୍ରଙ୍କ ମନୋବଳ ଦୃଢ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ୫୪ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ, ସୁଫଳା ସାହୁ, ରଶ୍ମିବାଳା ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

# ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ପରଜଙ୍ଗ,୩।୧୨
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ପରଜଙ୍ଗ ଗ୍ରାମରେ ଥିବା ବରିଷ୍ଠ ନାଗରିକ କକ୍ଷରେ ଗୁରୁବାର ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ଈଶ୍ୱର ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ପରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ପାଦକ ଭ୍ରମରବର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଶଶାଙ୍କ ଶେଖର ରଥ ଅନୁଷ୍ଠାନର ସମସ୍ୟା ଓ ତାହାର ସମାଧାନ କିପରି ହେବ ସେଥିପ୍ରତି ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦ ସଭାପତି ଦୁର୍ଗାଚରଣ ମିଶ୍ର, ସମ୍ମାନିତ ଅତିଥି ଭାବେ କଙ୍କଡ଼ାହାଡ଼ ବ୍ଲକ ଗଡପଳାସୁଣୀ ଗ୍ରାମର ଦୁର୍ଯ୍ୟୋଧନ ବେହେରା, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ଜିଲା ବରିଷ୍ଠ ନାଗରିକ ପରିଷଦ କାର୍ଯ୍ୟକାରୀ ସଭାପତି ଯୋଗୀନାଥ ମହାନ୍ତି ଯୋଗଦେଇଥିଲେ। ସନାତନ ସାମଲ ଧନ୍ୟବାଦ ଦେଇଥିଲେ।


ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତାମାନେ।

# ପୋଷ୍ଟ ଅଫିସ ଦ୍ୱାରା ଲୋକଙ୍କୁ ଉତ୍ତମ ସୁବିଧା ମିଳିବ


ବଣିଆପଡାଠାରେ ନୂତନ ଡାକଘର ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବଣିଆପଡାଠାରେ ରବିବାର ଏକ ନୂତନ ଡାକ ଘର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଲେ, ପୋଷ୍ଟ ଅଫିସ ଦ୍ୱାରା ଲୋକଙ୍କୁ ଉତ୍ତମ ସୁବିଧା ମିଳିବ। ଏହି ନୂତନ

## ବଣିଆପଡାଠାରେ ନୂତନ ଡାକଘର ଉଦ୍‌ଘାଟିତ

ଡାକଘର ଓଡିଶାର ୭୬୭୭ତମ ଶାଖା କାର୍ଯ୍ୟାଳୟ। ଏହାଦ୍ୱାରା ବଣିଆପଡା ସମେତ ଆଖପାଖ ୨ଟି ଗ୍ରାମର ପ୍ରାୟ ୩୪୦୦ରୁ ଊର୍ଦ୍ଧ୍ୱ ଲୋକ ଡାକସେବା ଏବଂ ବ୍ୟାଙ୍କ ସେବା ପାଇପାରିବେ। ସ୍ଥାନୀୟ ଅଞ୍ଚଳର ଅପେକ୍ଷା ପୂରଣ ହୋଇଥିବାରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏଥିପୂର୍ବରୁ କେନ୍ଦ୍ରମନ୍ତ୍ରୀ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସାଇଁବିରିଠାରେ ଜୟଦୁର୍ଗା ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଗ୍ରାମାଞ୍ଚଳରେ ଖେଳର ପରମ୍ପରାକୁ ଆଗେଇ ନେବା ପାଇଁ ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ତାଙ୍କର ପିଲା ଦିନର ଶିକ୍ଷକ ମାନଙ୍କୁ ଭେଟି ଖୁସି ବ୍ୟକ୍ତ କରିଥିଲେ।

# ଭୁଲ୍ ପ୍ରଶ୍ନପତ୍ରକୁ ନେଇ ଉତ୍ତେଜନା

ଢେଙ୍କାନାଳ,୩।୧୨(ରତନ ନାୟାର)

ରାଜ୍ୟ ଶିକ୍ଷା ଗବେଷଣା ପରିଷଦ ପ୍ରତିଷ୍ଠାନ ପକ୍ଷରୁ ରବିବାର ଢେଙ୍କାନାଳ ଜିଲାର ୯ଟି ପରୀକ୍ଷା କେନ୍ଦ୍ରରେ ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୩ଟି ପରୀକ୍ଷା କେନ୍ଦ୍ରରେ ଦ୍ୱିତୀୟ ସିଟିଂରେ ପ୍ରଥମ ସିଟିଂ ପରୀକ୍ଷାର ପ୍ରଶ୍ନପତ୍ର ଆଉଥରେ ବାହାରିବାରୁ ଛାତ୍ରୀଛାତ୍ରମାନେ ଅଡୁଆରେ ପଡିଥିଲେ। ଏ ସମ୍ପର୍କରେ ଶିକ୍ଷା ବିଭାଗ ଅଧିକାରୀ ଓ ପରୀକ୍ଷା କେନ୍ଦ୍ର କର୍ତ୍ତୃପକ୍ଷ ଜାଣିବା ପରେ ମଧ୍ୟ ଦେଢଘଣ୍ଟା ମଧ୍ୟରେ ଆବଶ୍ୟକ ପ୍ରଶ୍ନପତ୍ର ନ ମିଳିବାରୁ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ଏହାକୁ ନେଇ ଢେଙ୍କାନାଳ ଜିଲାର ସଦର ବ୍ଲକ କାଇମାଟି ଓ ଢେଙ୍କାନାଳ ପୌରାଞ୍ଚଳରେ ଥିବା ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ଓ ସୁଲକ୍ଷଣା

## ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ

ଦେବୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଭାବକ ମାନେ ଏହାର ପ୍ରତିବାଦ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣାଧୀନ ନ ହେବାରୁ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରିଥିଲେ। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି କୁହନ୍ତି, ଢେଙ୍କାନାଳ ଜିଲାର ୯ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ୩ଟି କେନ୍ଦ୍ରରେ ଏହି ସମସ୍ୟା ହୋଇଥିଲା। ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି। ପରୀକ୍ଷା ଆଉ ଥରେ ହେବ ବୋଲି ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।



# ଏଡ୍‌ସର ନିରାକରଣ ଉପରେ ସଚେତନତା

ସାତମାଇଲ,୩।୧୨(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରଣଜିତ୍ ଅମାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତାଭାବେ ସ୍ୱାସ୍ଥ୍ୟ ବିଭାଗରୁ ଅବସରଗ୍ରହଣ କରିଥିବା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ, ଅତିଥି ଭାବେ ହିନ୍ଦୋଳ ଏନ୍‌ଏସି ଅଧ୍ୟକ୍ଷ କେଶବ ପ୍ରଧାନ, ସାମାଜିକ କର୍ମୀ ଶତ୍ରୁଘ୍ନ ନନ୍ଦ, ସୁଶାନ୍ତ ପତି, ଅଧ୍ୟାପକ ଅମିୟରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା ଓ ନିରାକରଣ ଉପରେ ସଚେତନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ନିକଟସ୍ଥ ଗ୍ରାମକୁ ପଦଯାତ୍ରାରେ ଯାଇ ଏଡ୍‌ସ ଭୟାବହତା ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ବରୁଣ ମାଝି ଧନ୍ୟବାଦ ଦେଇଥିଲେ।


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଗ୍ରାମବାସୀଙ୍କୁ ସଚେତନ କରୁଛନ୍ତି।

## ୫ ରେ ରାଜ୍ୟପାଳଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ,୩।୧୨(ରତନ ନାୟାର)

ରାଜ୍ୟପାଳ ରଘୁବର ଦାସ ଆସନ୍ତା ୫ ତାରିଖରେ ଢେଙ୍କାନାଳ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ସାଢେ ୧୦ଟାରେ ସେ କପିଳାସସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ମହାଦେବଙ୍କ ପୀଠରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଗଁଦିଆ ବ୍ଲକ ଦେଓଗାଁଠାରେ ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିବା ସହତ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ। ପରେ ଦେଓଗାଁସ୍ଥିତ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିବେ। ଅପରାହ୍ନରେ ମହିମାଗାଦୀ ଯୋରନ୍ଦା ପରିଦର୍ଶନ ଏବଂ ମହିମା ସାଧୁ ସନ୍ୟାସୀଙ୍କ ସହ ଆଲୋଚନା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ରହିଛି। ଢେଙ୍କାନାଳ ସର୍କିଟ ହାଉସଠାରେ ରାତ୍ରି ଯାପନ କରିବା ପରେ ୬ ତାରିଖ ସକାଳେ ରାଜ୍ୟପାଳ ଅନୁଗୋଳ ଅଭିମୁଖେ ଯାତ୍ରା କରିବେ ବୋଲି ଜଣାପଡ଼ିଛି।

# ଗାଁ ବୁଲି ସଚେତନତା କଲେ ଛାତ୍ରୀଛାତ୍ର

ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ସମନ୍ୱିତ ଯୁବ ସାଂସ୍କୃତିକ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଏଡ୍‌ସ ଦିବସ ପାଳନ ସହିତ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାକୁ ବରିଷ୍ଠ ଅଧ୍ୟାପକ ସମରେନ୍ଦ୍ର ସିଂ ଶୁଭାରମ୍ଭ କରିଥିଲେ। କଲେଜ ପରିସରରୁ ଛାତ୍ରୀଛାତ୍ରମାନେ ବାହାରି ଇନ୍ଦିପୁର, ଲୁଣି, ତଳସାହି, ଉପରସାହି, ଗୁଣ୍ଡୁରାପଶି ଓ ଖୁଣ୍ଟିଝରି ପଞ୍ଚାୟତ ବରଷଘରିଆ ଆଦି ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ଏଡ୍‌ସ ସମ୍ପର୍କରେ ସଚେତନତା କରିଥିଲେ। ହାତରେ ପ୍ଲାକାର୍ଡ ଧରି ଓ ବିଭିନ୍ନ ସ୍ଲୋଗାନମାନେ ଦେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଯୁବ ରେଡକ୍ରସ ପ୍ରତିନିଧି ଅଧ୍ୟାପକ ଶ୍ରୀକାନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଦୁର୍ଗା ମାଧବ ପାଣିଗ୍ରାହୀ, ରେଡ ରିବନର ସସ୍ମିତା ମହାପାତ୍ର, ଡ. ପୁଷ୍ପଲତା ରଥ, ଶଶିକାନ୍ତ କର, ସୁଶୀଲ କୁମାର ନାୟକ, ଦେବୀ ପ୍ରସାଦ ପତି ଓ ଚିରଞ୍ଜୀବ ବୋଷ ପ୍ରମୁଖ ସହଯୋଗ କରିଥିଲେ। କଲେଜ




ଅଧ୍ୟାପକ ପ୍ରଦୀପ କୁମାର ସ୍ୱାଇଁ, ଆଶିଷ କୁମାର ପଣ୍ଡା, ନିହାର ରଞ୍ଜନ ମଲ୍ଲିକ, ଅଧ୍ୟକ୍ଷ ପ୍ରଦୀପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

# ବିରୋଧୀଙ୍କୁ ଠିକ୍ ଉତ୍ତର ମିଳିଯାଇଛି: ଧର୍ମେନ୍ଦ୍ର

ଢେଙ୍କାନାଳ,୩।୧୨(ରତନ ନାୟାର)

ଛତିଶଗଡ, ରାଜସ୍ଥାନ, ମଧ୍ୟପ୍ରଦେଶରେ ଭାଜପାର ବିଜୟ ସୂଚାଇ ଦେଇଛି ଯେ ବର୍ତ୍ତମାନ କେବଳ ମୋଦି ଗ୍ୟାରେଣ୍ଟି ଚାଲିଲା। ରବିବାର ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସାଇଁବିରିଠାରେ ଏକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେବାକୁ ଆସିଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଦେଶର ଗରିବ, ନିଷ୍ପେସିତ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ମଧ୍ୟରେ ବହୁ ଦିନର ଆଶା ସଞ୍ଚାର ହୋଇଛି। ରାଜନୀତିରେ ଲୋକମାନେ ପ୍ରତିଶ୍ରୁତି ଦେଇ ଭୁଲି ଯାଉଛନ୍ତି। ପ୍ରତାରଣା କରୁଛନ୍ତି। ମିଛ କଥାକୁ ଲମ୍ବା ସମୟ ଧରି କହୁଛନ୍ତି। ନରେନ୍ଦ୍ର ମୋଦିଙ୍କ ନାମରେ ଜଣେ ନେତୃତ୍ୱ ବାହାରିଛନ୍ତି, ଯିଏକି ସବୁ ବିଷମ ପରିସ୍ଥିତି ଭିତରେ ଲୋକଙ୍କ ସେବା କରୁଛନ୍ତି। ଯେଉଁମାନେ ମୋଦିଙ୍କୁ ଅପଶବ୍ଦ ପ୍ରୟୋଗ କରି ଗାଳି ଦେଉଛନ୍ତି, ସେମାନଙ୍କୁ ଠିକ୍ ଉତ୍ତର ମିଳିଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଭିନ୍ନକ୍ଷମମାନେ ସ୍ରଷ୍ଟାଙ୍କ ଅନନ୍ୟ ସୃଷ୍ଟି


ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳ ରିଜର୍ଭ ପୋଲିସ ପଡିଆଠାରେ ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗଦେଇ କହିଲେ, ଭିନ୍ନକ୍ଷମମାନେ ସ୍ରଷ୍ଟାଙ୍କ ଅନନ୍ୟ ସୃଷ୍ଟି। ସେମାନଙ୍କ ଭିତରେ ଅନେକ ପ୍ରତିଭା ରହିଛି। ସେମାନେ ସାଧାରଣ ଲୋକଙ୍କଠାରୁ ଅଧିକ ପ୍ରତିଭାବାନ। ଅନ୍ୟମାନଙ୍କ

## ଜିଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

ମଧ୍ୟରେ ବିଧାୟକ ସୁଧିର କୁମାର ସାମଲ, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ, ଡିଏସ୍‌ଏସ୍‌ଓ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଦୃଷ୍ଟିହୀନ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ସାହୁ, ଅକ୍ଷମ କଲ୍ୟାଣ ସମିତି ସମ୍ପାଦକ ବିଶ୍ୱନାଥ ବେହେରା ଯୋଗ ଦେଇଥିଲେ। ଏହି ଉପଲକ୍ଷେ ୧୦ ଜଣ ଭିନ୍ନକ୍ଷମଙ୍କୁ ଭତ୍ତା, ୧୫ଜଣଙ୍କୁ ହୁଇଲ ଚେୟାର୍, ୪ଟି ଭିନ୍ନକ୍ଷମ ସୁସ୍ଥ ଦମ୍ପତିଙ୍କୁ ୨.୫ ଲକ୍ଷ ଟଙ୍କା ଲେଖାଏଁ ବିବାହ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭିନ୍ନକ୍ଷମଙ୍କ ପାଇଁ କ୍ରୀଡା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବିଭିନ୍ନ ବ୍ଲକ ଓ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

# ବାଘଧରିଆରେ ମହାମନ୍ତ୍ର ଗାନ

ସାତମାଇଲ,୩।୧୨
(ସୁଶାନ୍ତ କୁମାର ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ନୂଆବଗ ପଞ୍ଚାୟତ ବାଘଧରିଆ ଗ୍ରାମରେ ପୃଥକ ପୃଥକ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଉପଖଣ୍ଡର ବିଭିନ୍ନ ଗ୍ରାମରୁ ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ମହାମନ୍ତ୍ର ଗାନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଆଳତି କାର୍ଯ୍ୟକ୍ରମରେ ବହୁ ଜନସାଧାରଣ ଉଭୟ ପୂଜା ମଣ୍ଡପରେ ରାଧାକୃଷ୍ଣଙ୍କ ଦର୍ଶନ କରି ବିଭୂକୃପା ଲାଭ କରିଥିଲେ। ପୂଜକ ଭାବେ ପଣ୍ଡିତ ଲକ୍ଷ୍ମୀକାନ୍ତ ଦାଶ ଶର୍ମା କାର୍ଯ୍ୟ ସମ୍ପାଦନା କରିଥିଲେ। ଗୋଟିଏ ନାମ ମଣ୍ଡପରେ କର୍ତ୍ତା ଭାବେ ପର୍ଶୁରାମ ଗଡନାୟକ ଓ ଅନ୍ୟ ନାମ ମଣ୍ଡପରେ ସନାତନ ସାହୁ କାର୍ଯ୍ୟ ସମ୍ପାଦନ କରିଥିଲେ। ଦିବାକର ଦେହୁରୀ, ଭଜକିଶୋର ସାହୁ ଓ ଗାଣ୍ଡୁ ସାହୁଙ୍କ ତତ୍ତ୍ୱାବଧାନରେ ବାଘଧରିଆ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବିପନ୍ନଙ୍କ ପାଖରେ ପହଞ୍ଚିଲେ ରାଜସ୍ୱ ନିରୀକ୍ଷକ

କାମାକ୍ଷାନଗର,
୩।୧୨(ଅମଜାଦ ଖାନ)



କାମାକ୍ଷାନଗର ବ୍ଲକ କନ୍ତିଓକାଟେଣୀ ପଞ୍ଚାୟତ ସିଧାଶ୍ରମ ସାହିରେ ଗତ ୨୬ ତାରିଖରେ ଅଗ୍ନିକାଣ୍ଡ ଘଟି ଦୁଇଭାଇ ପ୍ରଭାତ ବେହେରା ଓ ପ୍ରଦୀପ ବେହେରାଙ୍କ ୨ ବଖରା ଘର ପୋଡିଯାଇଥିଲା। ଘଟଣାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ଅଗ୍ନିବିପନ୍ନ ପରିବାରକୁ କୌଣସି ସରକାରୀ ସହାୟତା ମିଳି ନ ଥିଲା। ଏ ନେଇ ରବିବାର 'ଧରିତ୍ରୀ'ରେ ଖବର ପ୍ରକାଶିତ ପରେ ତୁମୁସିଙ୍ଗା ରାଜସ୍ୱ ନିରୀକ୍ଷକ ଅପର୍ଣ୍ଣା କୁମାର ଭୋଇ ସିଧାଶ୍ରମ ସାହିରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି। ଏ ନେଇ ରାଜସ୍ୱ ନିରୀକ୍ଷକ କହିଛନ୍ତି, ତହସିଲଦାରଙ୍କୁ ରିପୋର୍ଟ କରିଛି। ଉପରୁ ନିର୍ଦ୍ଦେଶ ଆସିଲେ ନିୟମାନୁଯାୟୀ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇ ଦିଆଯିବ।

'ଧରିତ୍ରୀ' ପ୍ରଭାବ

# ମହାପ୍ରଭୁ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପ୍ରଜାତାନ୍ତ୍ରିକ ଆସ୍ଥାର କେନ୍ଦ୍ର


ଛପନଭୋଗ ପ୍ରଦର୍ଶନୀ ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଠାରେ ଅନୁଷ୍ଠିତ ହେଉଥିବା ଶ୍ରୀଜଗନ୍ନାଥ ପାଞ୍ଚରାତ୍ର, ଚବିଶବେଶ, ଛପନଭୋଗ ପ୍ରଦର୍ଶନୀ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ମହାପ୍ରଭୁ ବିଶ୍ୱର ସବୁଠୁ ପ୍ରଭାବଶାଳୀ ପ୍ରଜାତାନ୍ତ୍ରିକ ଆସ୍ଥାର କେନ୍ଦ୍ର। ସବୁ ସନାତନ ମାନେ ମହାପ୍ରଭୁଙ୍କ ଅନନ୍ୟ ଭକ୍ତ। ସମସ୍ତଙ୍କ ସମର୍ପଣ ଭାବନା ଓ ଅଭିବ୍ୟକ୍ତି ଭିନ୍ନଭିନ୍ନ। ମହାପ୍ରଭୁଙ୍କଠାରେ ପ୍ରତ୍ୟହ ଲାଗି ହେଉଥିବା ଛପନଭୋଗ, ତାଙ୍କର ଚବିଶ ବେଶ ଏବଂ ବଡ ଦେଉଳର ଅନନ୍ୟ ସ୍ଥାପତ୍ୟ, ରଥଯାତ୍ରାରେ ଆବାଳ ବୃଦ୍ଧ ବନିତାଙ୍କ ଦର୍ଶନ, ପତିତପାବନଙ୍କ ଦର୍ଶନ ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ନିଦର୍ଶନ।

ସେ ଆହୁରି କହିଥିଲେ,

## ଛପନଭୋଗ ପ୍ରଦର୍ଶନୀ ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ପରମଭକ୍ତ। ପ୍ରଧାନମନ୍ତ୍ରୀ ହେବାପରେ ସେ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ସମୟରେ ପ୍ରଥମଥର ପାଇଁ ନବକଳେବର ନିମନ୍ତେ କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶ୍ରୀମନ୍ଦିରର ଶ୍ରୀବୃଦ୍ଧି ପାଇଁ ମଧ୍ୟ ମୋଦି ସରକାର ସର୍ବଦା ତତ୍ପର ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରକାଶ କରିଥିଲେ। ଚାରଣ ସମାବେଶର ଆୟୋଜନ ମାଧ୍ୟମରେ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ତଥା ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱକୁ ଜନଗଣଙ୍କ ନିକଟରେ ପହଞ୍ଚାଇବାର ଗୁରୁଦାୟିତ୍ୱ ନେଇଥିବାରୁ ଆୟୋଜକ ମଣ୍ଡଳୀକୁ କେନ୍ଦ୍ରମନ୍ତ୍ରୀ ସାଧୁବାଦ ଜଣାଇଥିଲେ।

# ଟାଟାଷ୍ଟିଲ ପକ୍ଷରୁ ଫ୍ରେଣ୍ଡଶିପ୍ କପ୍ କ୍ରିକେଟ ପ୍ରତିଯୋଗିତା



ଚାମ୍ପିୟନ ଟ୍ରଫି ସହ ବିଜେତା ସିଭିଲ ସୋସାଇଟି ଦଳ।



ରନର୍ସଅପ୍ ଟ୍ରଫି ସହ ଟାଟାଷ୍ଟିଲ ମେରାମଣ୍ଡଳୀ ଦଳ।

ଢେଙ୍କାନାଳ,୩।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ମେରାମଣ୍ଡଳୀ କମ୍ପାନୀ ପକ୍ଷରୁ ରବିବାର ଢେଙ୍କାନାଳ ଷ୍ଟାଡିୟମଠାରେ ଫ୍ରେଣ୍ଡସିପ୍ କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ଜିଲା ପ୍ରଶାସନ, ସିଭିଲ ସୋସାଇଟି, ମିଡିଆ ଆଦିକୁ ନେଇ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ପ୍ରଥମ ସେମି ଫାଇନାଲରେ ସିଭିଲ ସୋସାଇଟି ଦଳ, ଜିଲା ପ୍ରଶାସନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଟାଟାଷ୍ଟିଲ ମେରାମଣ୍ଡଳୀ ଦଳ

## ସିଭିଲ ସୋସାଇଟି ଚାମ୍ପିୟନ

ମିଡିଆ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚରେ ଟାଟାଷ୍ଟିଲ ଦଳ ପ୍ରଥମେ ବ୍ୟାଟିଂ କରି ୫୪ରନ କରିଥିଲା। ଜବାବରେ ସିଭିଲ ସୋସାଇଟି ଦଳ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଟାଟାଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ୍ ସେବା ମୁଖ୍ୟ ମୋହିତ ଦାସ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଭାବେ ସିଭିଲ ସୋସାଇଟିର ମୁସ୍ତାକ ବେଗ୍, ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ଭାବେ ଟାଟାଷ୍ଟିଲର ବିକାଶ ବାରିକ, ଶ୍ରେଷ୍ଠ ବୋଲର ଭାବେ ଜିଲା ପ୍ରଶାସନର ବିଶ୍ୱ ବିକାଶ ଚୌଧୁରୀ, ଶ୍ରେଷ୍ଠ ଫିଲଡର ଭାବେ ମିଡିଆ ଦଳର ଅଧିନାୟକ ଅମ୍ବିକା ପ୍ରସାଦ ପଟ୍ଟନାୟକ ଓ ଶ୍ରେଷ୍ଠ ୱିକେଟ କିପର ଭାବେ ମିଡିଆ ଏକାଦଶର ଲକ୍ଷ୍ମୀକାନ୍ତ ସାହୁ ପୁରସ୍କୃତ ହୋଇଥିଲେ। ସେହିପରି ପ୍ରଥମ ମ୍ୟାଚରେ ସିଭିଲ ସୋସାଇଟିର ମୁସ୍ତାକ ବେଗ୍, ଦ୍ୱିତୀୟ ମ୍ୟାଚରେ ଟାଟାଷ୍ଟିଲର ବିକାଶ ବାରିକ ଓ ତୃତୀୟ ମ୍ୟାଚ୍‌ରେ ସିଭିଲ ସୋସାଇଟିର ଅଭିଜିତ ମିଶ୍ର ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ସକାଳ ସାଢେ ୮ଟାରେ ଏହି ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

